# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 September– 2026**

---

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ ସମ୍ମିଳନୀରେ ଯୋଗଦେବେ । ସେଠାରେ ଶ୍ରୀ ମାଝୀ ରାଜ୍ୟରେ ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା ସହ ଆଲୋଚନା କରିବେ । ରାଜ୍ୟକୁ ସେମିକଣ୍ଡକ୍ଟର୍‌ର କେନ୍ଦ୍ରସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏହି କ୍ରମରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ରୋଡ୍‌ଶୋ'ରେ ମଧ୍ୟ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀ ଆସନ୍ତାକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଅର୍ଥମନ୍ତ୍ରୀ ସମ୍ମିଳନୀରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

# ରାଡାର

ଭୁବନେଶ୍ୱର ଏବଂ ବାଲେଶ୍ୱରରେ ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଡପଲର ରାଡାର କାର୍ଯ୍ୟକ୍ଷମ ହେବ । ସ୍ୱଦେଶୀ ଜ୍ଞାନକୌଶଳରେ

ନିର୍ମାଣ କରାଯାଉଥିବା ଡପଲର ବ୍ୟବସ୍ଥା ସାମୁଦ୍ରିକ ବାତ୍ୟା ଆକଳନ ଓ ପାଣିପାଗର ପୂର୍ବାନୁମାନ କରିବାରେ ସହାୟକ ହେବ । ଏ ସଂପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି :

**V/O**

# ଖଣି ନିଲାମ

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବାଣିଜ୍ୟିକ କୋଇଲା ଖଣି ନିଲାମର ୧୬ତମ ପର୍ଯ୍ୟାୟରେ ଓଡ଼ିଶାର ୪ଟି ଖଣି ନିଲାମ ପାଇଁ ସାମିଲ କରାଯାଇଛି । ଏଥିରେ ତାଳଚେରର ୩ଟି ଓ ସୁନ୍ଦରଗଡ଼ର ଗୋଟିଏ ଖଣି ରହିଛି ।

---

# ନିଯୁକ୍ତି

ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଅମିତେନ୍ଦ୍ର ନାଥ ସିହ୍ନାଙ୍କୁ ସୀମା ସୁରକ୍ଷା ବଳ-ବିଏସ୍ଏଫ୍‌ର ଆଇ.ଜି. ଭାବେ ନିଯୁକ୍ତି ମିଳିଛି । ୨୦୦୨ ବ୍ୟାଚ୍‌ର ଆଇପିଏସ୍ ଶ୍ରୀ ସିହ୍ନା ବର୍ତ୍ତମାନ ସିଆରପିଏଫ୍‌ର ଆଇ.ଜି. ଭାବେ କାର୍ଯ୍ୟରତ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

---

# ସେବା ସେତୁ

ସେବା ସଂକଳ୍ପ ଅଭିଯାନ ଅବସରରେ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଏକମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହା

ମାଧ୍ୟମରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ବଣ୍ଟନ ପ୍ରକ୍ରିୟା, ଅଭିଯୋଗ ସମାଧାନ ସଚେତନତା, ସରକାରୀ ସୁଲଭ ମୂଲ୍ୟ ଦୋକାନ ସଂପର୍କିତ ସୂଚନା  ସଂପର୍କରେ ସଚେତନ କରାଯାଉଛି । ଆସନ୍ତା ୨୬ ତାରିଖରୁ ୩୦ ତାରିଖ ମଧ୍ୟରେ ସେବାସେତୁ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ରାସନକାର୍ଡ ସହ ଆଧାର ଓ ମୋବାଇଲ୍ ନମ୍ବର ସଂଯୋଗୀକରଣ, ଇକେଓ୍ୱାଇସି ଆଦି ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ । ୨୮ ତାରିଖରୁ ୩ ତାରିଖ ମଧ୍ୟରେ ରାସନକାର୍ଡ ସମ୍ବନ୍ଧୀୟ ସମସ୍ୟା, ପରିବାର ସଦସ୍ୟଙ୍କ ନାମ ଯୋଗ  କିମ୍ବା ସଂଶୋଧନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଯାତ୍ରୀ ସେବା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଯାତ୍ରୀ ସେବା ଅଭିଯାନ ଆରମ୍ଭ ହୋଇଛି । ଭାରତୀୟ ବିମାନ ପ୍ରାଧିକରଣର ଦେଶବ୍ୟାପୀ ପଦକ୍ଷେପର ଅଂଶ ଭାବେ ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏଥିରେ ଯାତ୍ରୀଙ୍କ ସୁବିଧା, ସେବାର ଗୁଣବତ୍ତା,ସୁରକ୍ଷା, ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଉଛି ।

## ତମାଖୁମୁକ୍ତ ଅଞ୍ଚଳ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସରକୁ ତମାଖୁମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।  ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ

ମହାଲିଙ୍ଗ କହିଛନ୍ତି, ନିଶାମୁକ୍ତ ଭାରତ ଅଭିଯାନର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳୀ ଭାବେ ଗଢ଼ିବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି ।

# ପୂଜାମଣ୍ଡପ- ଅନୁମତିପତ୍ର

କଟକ ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟିଗୁଡ଼ିକୁ ତ୍ୱରିତ ଭାବେ ଆବଶ୍ୟକ ଅନୁମତି ପ୍ରଦାନ ଲାଗି ବାରବାଟୀ ପ୍ୟାଲେସ୍‌ଠାରେ ଆଜିଠାରୁ ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ଆରମ୍ଭ ହେବ । ଏହି ବ୍ୟବସ୍ଥା ମାଧ୍ୟମରେ ପୂଜା କମିଟି’ ତହସିଲ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ବିଭାଗ ପାଇଁ ଆବଶ୍ୟକ ଅନୁମତିପତ୍ର ପାଇପାରିବେ ।

# କେକେଶି ବଧ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ସପ୍ତମୀ ତିଥିରେ ଶ୍ରୀଜୀଉଙ୍କ ନିକଟରେ କେକେଶି ବଧ ପ୍ରସ୍ତାବ କାଳିକାଦେବୀ ସାହି ପକ୍ଷରୁ ଅନୁଷ୍ଠିତ ହେବ । ସନ୍ଧ୍ୟାଧୂପ ନୀତି ଶେଷ ହେବା ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରିବେ । ଏଥିସହ ଜଗନ୍ନାଥଙ୍କ ବାଡ଼ରୁ ଆଜ୍ଞାମାଳ ପ୍ରାପ୍ତି କରି ନାଟମଣ୍ଡପସ୍ଥିତ ଖଟ ଉପରକୁ ବିଜେ କରିବେ । ପରେ ପ୍ରଭୁଙ୍କର ଛାମୁରେ କାଳିକାଦେବୀ ସାହି ଲୋକେ କେକେଶି ବଧ ପ୍ରସ୍ତାବ କରିବେ ।

## ଇଗ୍ନୋ ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ଜୁଲାଇ ୨୦୨୬ ଶିକ୍ଷା ବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ଓ ପୁନଃ ପଞ୍ଜିକରଣ ଅବଧିକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୁନଃ ପଞ୍ଜିକରଣ ପାଇଁ ଇଚ୍ଛୁକ ପ୍ରାର୍ଥୀ ୨୦୦ ଟଙ୍କା ଅତିରିକ୍ତ ବିଳମ୍ବ ଶୁଳ୍କ ଜମା କରି ନାମ ଲେଖାଇପାରିବେ ।

## ବିଶ୍ୱ ବାଉଁଶ ଦିବସ

ପ୍ରକୃତି ପାଇଁ ବାଉଁଶର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବାଉଁଶ ଦିବସ ପାଳନ କରାଯାଉଛି । ୨୦୦୯ ମସିହାରେ ପ୍ରଥମଥର ପାଇଁ ବାଉଁଶ ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **‘ସୀମା ବାହାରେ ବାଉଁଶ ।**

ବାଉଁଶ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ତଥା ଏ କ୍ଷେତ୍ରରେ ଜୀବନ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବାଉଁଶ ମିଶନ କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନା ଅଧୀନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି ।

## ପାଣିପାଗ

ଥାଇଲାଣ୍ଡର ଉତ୍ତର ଭାଗରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା

ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୩ ତାରିଖ ସୁଦ୍ଧା ଉପକୂଳ ଛୁଇଁବ । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ।  ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

---